NEHRU BAL PUSTAKALAYA

ଜଙ୍ଗଲ ଭିତର ପୋଖରୀ

ଉମା ଆନନ୍ଦ

Digitized by srujanika@gmail.com

ନେହେରୁ ବାଳ ପୁସ୍ତକାଳୟ

ଜଙ୍ଗଲ ଭିତର ପୋଖରୀ

ଉମା ଆନନ୍ଦ

ଚିତ୍ର
ଅମୀନା ଜୟାଲ

ଅନୁବାଦ

ନ୍ୟାସ୍‌ନାଲ ବୁକ୍ ଟ୍ରଷ୍ଟ, ଇଣ୍ଡିଆ

Digitized by srujanika@gmail.com

1989 (ଶକାବ୍ଦ 1911)

© ଉମା ଆନନ୍ଦ, 1983

ଓଡ଼ିଆ ଅନୁବାଦ ©
ନ୍ୟାସ୍‌ନାଲ ବୁକ୍ ଟ୍ରଷ୍ଟ, ଇଣ୍ଡିଆ, 1989

ମୂଲ୍ୟ : 5.50

The Pool in the Jungle *(Oriya)*

ଡାଇରେକ୍‌ଟର, ନ୍ୟାସ୍‌ନାଲ ବୁକ୍ ଟ୍ରଷ୍ଟ, ଇଣ୍ଡିଆ, A-5, ଗ୍ରୀନ୍ ପାର୍କ,
ନୂଆ ଦିଲ୍ଲୀ-110016

Digitized by srujanika@gmail.com

ହାତୀଛୁଆ ଶିକାର

ଘଞ୍ଚ ଜଙ୍ଗଲ ଭିତରେ ପୋଖରୀଟିଏ । ନାଲି, ଧଳା ରଙ୍ଗର କଙ୍କିଟିଏ ସେଠାରେ ଖୁସି ମନରେ ଗୁଣୁ ଗୁଣୁ ଗୀତ ଗାଇ ଏପଟ ସେପଟ ଉଡୁଥିଲା ।

"ଘୁଁ, ଘୁଁ, ଘୁଁ,
ପାଣି ଉପରେ ମୁଁ,
ଆଖି ପିଛୁଳାକେ ପୋଖରୀ ମଝିରେ,
ଆଉ କେତେବେଳେ ଗଛ ଉହାଡରେ,
ଉଡି ବୁଲୁଥାଏ ମୁଁ ।"

ପୋଖରୀ ଭିତରେ କଇଁ ପତ୍ର ଉପରେ ବସିଥିବା ବୁଢା ବେଙ୍ଗଟିଏ ଘାଗଡିଆ ସ୍ୱରରେ ପାଟି କରି କହିଲା, "ହେ କଙ୍କି ଭାଇ, ଟିକିଏ ତୋର ଡିଆଁ ଡେଇଁ କମ କରେ । ସହଜେ ତ ପାଗ ଏତେ ଗରମ, ଆଉ ତୁ ମୋର ମୁଣ୍ଡ ଉପରେ ଏପରି ଚକ୍କର କାଟିବା ମତେ ମୋଟେ ଭଲ ଲାଗୁନି ।"

Digitized by srujanika@gmail.com

"ଘୁଁ, ଘୁଁ, ଘୁଁ
ଶୁଣ କହୁଛି ମୁଁ ।
କେବେ ଯିବ ତୋର କଳିଆ ପଦ୍ଧତି,
ବୁଢ଼ାତ ହେଲୁଣି ତୁ ।"

ଏମିତି ଗୀତ ଗାଇ କର୍ଣ୍ଣ ଟା ବେଙ୍ଗର ମୁଣ୍ଡ ପାଖ ଦେଇ ଉଡ଼ି ଚାଲିଗଲା । ପୋଖରୀର ଅନ୍ୟ ଏକ କୋଣରୁ କର୍କଶ ସ୍ୱରରେ କହିବା ଶୁଣାଗଲା । "ତା' ସାଙ୍ଗରେ କଥାବାର୍ତ୍ତା କରି କିଛି ଲାଭ ନାହିଁ ।"

ବୁଢ଼ା ବେଙ୍ଗଟା ପଛକୁ ଆଖି ତରାଟି ଦେଖେତ ଝିଙ୍କି କାଖାଇ ପକ୍ଷୀଟା ପୋଖରୀ କୂଳରେ ପୋକ, ଜୋକ ଖାଉଣ୍ଟିବାରେ ଲାଗିଛି । ବେଙ୍ଗ କହିଲା— "ହଁ ଭାଇ ଯାହା କହିଲୁ ସତ । ଆଜିତ କ'ଣ ଭାରି ବ୍ୟସ୍ତ ଜଣା ପଡ଼ୁଛୁ ।" "କ'ଣ କରିବି ଛୁଆ ପିଲାଙ୍କ ପାଇଁ ଆହାର ନେବାକୁ ପଡ଼ିବ । ବାଜେ କଥା ପାଇଁ ସମୟ କାହିଁ ?" ଏହା କହି ସେ ତାର ଲମ୍ବା ଥଣ୍ଟକୁ ପୋଖରୀ କୂଳରେ ନରମ ମାଟି ଭିତରେ ପୁରାଇ ପୋକ ଖାଉଣ୍ଟିବାରେ ଲାଗିଲା । ପୋକଟିଏ ପାଇଗଲେ ତା'ର ଧଳା କଳା ରଙ୍ଗର ଚିତ୍ରିତ ଡେଣା ଯୋଡ଼ିକ ଖୁସିରେ ମେଲେଇ ହୋଇ ଯାଉଥାଏ ।

"ଯୁଗ ସତେ କେତେ ବଦଳି ଗଲା ।" ବୁଢ଼ା ବେଙ୍ଗ ଅଭିମାନ ଭରା ସ୍ୱରରେ କହିଲା—"ମୋ ଜେଜେବାପା କହିବାର ମୁଁ ଶୁଣିଛି ଯେ ତାଙ୍କ ପିଲାଦିନେ କୁଆଡ଼େ ଆମର ଏ ପୋଖରୀଟା ଗୋଟାଏ ବିରାଟ ହ୍ରଦ ଥିଲା, ଚାରିପଟେ ଘଞ୍ଚ ଜଙ୍ଗଲ ଘେରି ରହିଥିଲା । ଏଠି କୁଆଡ଼େ ବଡ଼ ବଡ଼ ଜନ୍ତୁମାନେ ମଧ୍ୟ ରହୁଥିଲେ ।"

"ବଡ଼ ଜନ୍ତୁ !" ଆଶ୍ଚର୍ଯ୍ୟ ହୋଇ ଝିଙ୍କି କାଖାଇ ପଚାରିଲା । କାରଣ ସେ ବା ଏତେ ପୁରୁଣା କଥା କେମିତି ଜାଣିବ ? ତାର ବୟସ ତ ମାତ୍ର ଦୁଇ ବର୍ଷ ।

Digitized by srujanika@gmail.com

"ତେବେ ସେ ବଡ ଜନ୍ତୁ ଗୁଡିକ କୁଆଡେ ଗଲେ ?"

"ହେ ...ଇ..... ମୁଁ ।"

ହଠାତ୍ ମାଟିଆ ରଙ୍ଗର ରୁମୁରୁମିଆ ଛୋଟ ଜନ୍ତୁଟିଏ ବୁଦା ପଛପଟୁ କୁଦାମାରି ବାହାରି ଆସି ଦୁଇ ଚାରିଥର ଲେହୁଣିଆ ମାରି ଦୁମ୍ କିନା ତଳେ ପଡ଼ି ସମସ୍ତଙ୍କୁ ଚମକାଇ ଦେଲା ।

"ହୁ...ପ୍...ଓ" ଶବ୍ଦ କରି ଝିଙ୍କି କାଖାଇଟା ପାଖ ଗଛର ଡାଳ ଉପରେ ଯାଇ ବସି ପଡ଼ିଲା ।"

"ଅକ୍...ଅକ୍" ଚିତ୍କାର କରି ବୁଢ଼ା ବେଙ୍ଗଟା ପାଣି ଭିତରକୁ ଡେଇଁ ପଡ଼ିଲା ।"

ଏମାନଙ୍କୁ ଡରାଇ ପାରିଥିବାରୁ ମାଟିଆ ରଙ୍ଗର ଠେକୁଆଟା ଖୁସିରେ ଠୋ, ଠୋ କରି ହସୁଥାଏ ।

ଝିଙ୍କି କାଖାଇ ପକ୍ଷୀକୁ ଏ ଥଟ୍ଟା ଜମା ଭଲ ଲାଗିଲା ନାହିଁ । ରାଗିଯାଇ କହିଲା— "ସତରେ ତୋଠାରୁ ଆଉ ଦୁଷ୍ଟ ଜନ୍ତୁ ମୁଁ ମୋ ଜୀବନରେ ଦେଖିନି ।"

Digitized by srujanika@gmail.com

ବେଙ୍ଗଟା ପୁଣି ପାଣି ଉପରକୁ ଆସି ଆଉ ଗୋଟିଏ କଇଁ ପତ୍ର ଉପରେ ବସି କହିଲା—"ହଁ ହସ, ହସ, ଦିନେ ନା ଦିନେ ତୁ ତୋ ହସିବାର ମଜା ପାଇଯିବୁ ଯେ।"

"ଇଏ ଯେମିତି ଉତ୍ପାତ ହେଉଛି ନା, କେବେ ଚେଙ୍ଗାଏ ପାଇଲେ ଜାଣିବ।" ଝିଣ୍ଟିକା ଖାଇ ପକ୍ଷୀ ଏହା କହି ଗଛ ଉପରୁ ତଳକୁ ଉଡି ଆସି ପୁଣି ପୋକ ଜୋକ ଯାଉଣ୍ଡିବାରେ ଲାଗିଗଲା ।

"ଟିକିଏ ମଜାରେ ଏମିତି କରି ଦେଲି ନା ।" ଠେକୁଆ ନିଶ ମୋଡି ମୋଡି କହିଲା, "କିନ୍ତୁ ବେଙ୍ଗ ଭାଇ ତୁ ଯେଉଁ ବଡ ଜନ୍ତୁ କଥା କହୁଥିଲୁ ତାହା କ'ଣ ସତ କଥା ? ତୋ ଜେଜେବାପା କ'ଣ ସେମାନଙ୍କୁ ସତରେ ଦେଖିଥିଲେ ?"

ବେଙ୍ଗ ବୁଢା ଗର୍ବରେ ନିଜ ଦେହଟାକୁ ବେଲୁନ୍ ଭଳି ଫୁଲାଇ କହିଲା— "ଆରେ ସେ ଯେଉଁ ବଡ ଜନ୍ତୁ ନା, ସେ ଏକ ବିରାଟକାୟ ମାଇ ହାତୀ । ସେଭଳି ହାତୀ ଆଉ କାହିଁ ? ମୋ ଜେଜେବାପା ତାକୁ ଦେଖି ଥିଲେ ।" ଦୀର୍ଘ ନିଶ୍ୱାସଟିଏ ଛାଡି ବୁଢା ବେଙ୍ଗ କହିଲା । ଜେଜେବାପା ଯେଉଁଦିନ ତାକୁ ଦେଖିଲେ ସେ ବିରାଟ ଜନ୍ତୁଟା ସେ ଦିନ ହିଁ ମରିଗଲା ।"

ବୁଢା ବେଙ୍ଗକୁ ଏଭଳି ଗପ ବର୍ଣ୍ଣନା କରି ଶୁଣାଇବାକୁ ଭାରି ଭଲ ଲାଗେ । ତା'ପରେ କଇଁ ପତ୍ରଟି ଉପରେ ଜାକିଜୁକି ହୋଇ ବସି ଗପ କହିବା ଆରମ୍ଭ କଲା ।

"ଆମେ ଯେଉଁ ଜାଗାରେ ରହୁଛେ ନା ତାହା ଆଗେ ଗୋଟିଏ ବଡ ଘଞ୍ଚ ଜଙ୍ଗଲ ଥିଲା । ଜଙ୍ଗଲଟି ବଡ ବଡ ଶାଳ, ପିଆଶାଳ ଗଛରେ ପରିପୂର୍ଣ୍ଣ ଥିଲା । ସେ ଗୁଡିକ ଏତେ ଉଚ୍ଚ ଥିଲା ଯେ ଆକାଶ ପାଇବନି । ତା'ଛଡା ଏତେ ପ୍ରକାରର ଛୋଟ ବଡ ବୁଦା ଏବଂ ଲତା ଦ୍ୱାରା ଗଛ ଗୁଡିକ ଏମିତି ଛନ୍ଦା ଛନ୍ଦି ହୋଇ ରହିଥାନ୍ତି ଯେ ତଳେ ଖରା ଟିକିଏ ପଡେ ନାହିଁ । ଝରଣା କୂଳେ କୂଳେ ମଧ୍ୟ କେତେ ଜାତିର ଘାସବୁଦା ସବୁ ମାଡି ରହିଥାଏ ।

"ଝରଣା ଏ ଜାଗାରେ ଥିଲା ? ଆଶ୍ଚର୍ଯ୍ୟ ହୋଇ ଝିଣ୍ଟିକାଖାଇ ପକ୍ଷୀ ପଚାରିଲା । "ଆରେ ହଁ, ଏ ଯେଉଁ ଶୁଖିଲା ନାଳଟା ଦେଖୁଛ ସେଇଟା ହିଁ ଦିନେ ଝରଣା ଥିଲା ।" ବୁଢା ବେଙ୍ଗ ବୁଝାଇ କହିଲା—କି ଖରା, କି ବର୍ଷା ସବୁଦିନେ, ସେତେବେଳେ ଏ ଝରଣାରେ ନିର୍ମଳ ପାଣି ଭରି ରହୁଥିଲା । ଝରଣାଟି ବୋହି ଯାଇ ଗୋଟିଏ ବଡ ନଦୀରେ ମିଶିଥିଲା । ସେତେବେଳେ ହାତୀମାନେ ଦଳ ଦଳ ହୋଇ ଏ ଜଙ୍ଗଲରେ ବୁଲୁଥିଲେ । ମହାବଳ ବାଘ, ଚିତାବାଘ ପ୍ରଭୃତି ବଡ ବଡ ଜନ୍ତୁ ନୀଳଗାଈ, ହରିଣ, ସମ୍ବର ଇତ୍ୟାଦିଙ୍କୁ ଶିକାର କରି ଖାଇ ଖୁସିରେ ଥାଆନ୍ତି । ରାତିରେ ଗଧିଆ, କୋକିଶିଆଳି, ହେଟାବାଘ ପ୍ରଭୃତିଙ୍କର ଡାକ ଘଞ୍ଚ ଜଙ୍ଗଲ ଭିତରୁ ଭାରି ଭୟଙ୍କର ଶୁଣା ଯାଉଥିଲା । ଏପରିକି ବାରହାମାନଙ୍କର ଘଁ, ଘଁ ନିଶ୍ୱାସ

Digitized by srujanika@gmail.com

ମାରିବା ମଧ୍ୟ ବହୁତ ଦୂରରୁ ଶୁଣା ଯାଉଥିଲା । କିନ୍ତୁ ଏ ସବୁ କେତେ କାଳର କଥା । ଇଏ କ'ଣ ତୁମ ଆମ ସମୟର କଥା ହୋଇଛି ? ମୁଁ ଯେତେବେଳେ ଛୋଟ ବେଙ୍ଗଫୁଲା ଅବସ୍ଥାରେ ଥିଲି ସେତେବେଳକୁ ଆଉ କ'ଣ ଏ ବଡ ଜନ୍ତୁ ଅଛନ୍ତି ? ସେମାନେ ଶେଷ, ତାଙ୍କ ସାଙ୍ଗରେ ଏ ଜଙ୍ଗଲ ମଧ୍ୟ ଶେଷ ଅବସ୍ଥାରେ ପହଞ୍ଚିଲାଣି ଏବଂ ଆଜି ଏଠାରେ ଆମ ଭଳିଆ ଛୋଟ ଛୋଟ ଜନ୍ତୁ ହିଁ କେବଳ ରହୁଛନ୍ତି । କିନ୍ତୁ ନାଳ ସେ ପାଖ, ସେ ଯେଉଁ ବାଉଁଶ ବଣ......"

"ତୁମେ କ'ଣ ସେ ଭୂତ ବଣ କଥା କହୁଛ କି ? ଝିଙ୍କିକାଖାଇ ପକ୍ଷୀଟି ତା' ମୁଣ୍ଡ ଉପରେ ଥିବା ଚୂଳଟିକୁ ଟିକିଏ ହଲେଇ ଦେଇ ପଚାରିଲା ।"

ବୁଢା ବେଙ୍ଗକୁ ତା' କଥା କହିବା ମଝିରେ ଅନ୍ୟ କେହି ବାଧା ଦେଲେ ଜମା ଭଲ ଲାଗେନି । ତେଣୁ ପକ୍ଷୀର କଥାକୁ କୌଣସି ଗୁରୁତ୍ୱ ନ ଦେଇ ବୁଢା ବେଙ୍ଗ ଯେଉଁଠି କଥା ଛାଡିଥିଲା ସେଠାରୁ ପୁଣି କହିବା ଆରମ୍ଭ କଲା, "ନାଳ ଆର ପଟେ ଯେଉଁ ବାଉଁଶ ବଣ ଅଛି ସେଠାକୁ ଦିନେ ବଡ ବଡ ହାତୀମାନେ ଫେରିଆସିବା କଥା ଶୁଣାଗଲା । ସେମାନଙ୍କର ଏ ଖବର ଜଙ୍ଗଲର ସେ ବାହାପିଆ ଭଦଭଦଳିଆ ପକ୍ଷୀଟା ଡାଳକୁ ଡାଳ ଉଡି କହି ବୁଲିଥାଏ ଯେ, ହାତୀମାନେ ଫେରିଆସିଲେ । ତା' କଥା ଅବଶ୍ୟ ହାସ୍ୟ ଠିକ ଥିଲା । ବୁଢା ବେଙ୍ଗଟା ଟିକିଏ ହସି ଦେଇ କହିଲା" ମୋ ଜେଜେବାପା କହିବାର ଯାହା ଶୁଣିଛି ଯେ ଦୁଇଟି ହାତୀ ବାଉଁଶ ବଣକୁ ଫେରିଆସିଥିଲେ । ସେଥିରୁ ଗୋଟିଏ ମାଈ ହାତୀ, ଆରଟି ତା' ଛୁଆ । ସେ ମାଈ ହାତୀଟି କୁଆଡେ ଗୋଟିଏ ହାତୀ ଦଳର ମୁଖିଆ ଥିଲା ।

"ବାକି ସବୁ ହାତୀ କୁଆଡେ ଗଲେ ?" ଠେକୁଆ ପଚାରିଲା ।

"ତାହା ମୁଁ କହିବାକୁ ଯାଉଛି । କିନ୍ତୁ ତମେ ସବୁ ଆଜିକାଲିକା ପିଲାଙ୍କ ପାଖରେ ଧୈର୍ଯ୍ୟ ବୋଲିବା ଜିନିଷ କିଛି ନାହିଁ । ଟିକିଏ ଧୈର୍ଯ୍ୟ ଧରି ବସି ଶୁଣ, ମୁଁ ଆଗକୁ କ'ଣ କହୁଛି ।" ବୁଢା ବେଙ୍ଗ ଟିକିଏ ରାଗିଯାଇ କହିଲା । ହଁ କ'ଣ କହୁଥିଲି ତ? ସେ ବୁଢୀ ହାତୀ କଥା । ଦଳର ମୁଖିଆ ସେଇ ବୁଢୀ ହାତୀଟି କୁଆଡେ ଯେମିତି ବଳୁଆ ସେମିତି ଚାଲାକ୍ । ତା'ସତ୍ତ୍ୱେ ପ୍ରତି ବର୍ଷ ତା' ଦଳର ଗୋଟିଏ ଯୋଡିଏ ହାତୀଙ୍କୁ ଶିକାରୀମାନେ ଖେଦାରେ ପକାଇ ଧରି ନେଉଥିଲେ । ତେଣୁ ମଣିଷ ତାଙ୍କର ବଡ ଶତ୍ରୁ ଥିଲା । ଶେଷରେ ଦଳର ହାତୀମାନଙ୍କ ମଧ୍ୟରେ ଭାଙ୍ଗେଣି ପଡିଗଲା । ସେମାନେ ଆଉ ବୁଢୀହାତୀର କଥା ମାନିବାକୁ ରାଜି ହେଲେ ନାହିଁ, କହିଲେ, 'ଚାଲ ଏ ଅଶୁଭ ଜାଗା ଛାଡି ଏପରି ଜାଗାକୁ ଚାଲିଯିବା ଯେଉଁଠାରେ ଟିକିଏ ନିର୍ଭୟ ମନରେ ରହିପାରିବା । ଆମର ଶତ୍ରୁ ମଣିଷ ଧୀରେ ଧୀରେ ଆମର ସବୁ ଛୁଆପିଲାଙ୍କୁ ଧରିନେଇ ଗଲେଣି । ଏପରି ଦିନ ଆସିବ ଆମେ ଆଉ କେହି ରକ୍ଷା ପାଇବାନି । ଦେଖୁ ଦେଖୁ ଆମ ବଂଶ ଏଠାରେ ଶେଷ ହୋଇଯିବ । ଅନ୍ୟ ଦଳମାନେ ସେଥିଲାଗି ଏ ଜଙ୍ଗଲ ଛାଡି ଚାଲିଗଲେଣି । ଆମେ କାହିଁକି ଏଠି ରହିଥିବା ।"
ପ୍ରଥମେ ବୁଢୀ ହାତୀଟା ଏ କଥାରେ ରାଜି ହେଲା ନାହିଁ । ସେ ଭାବୁଥିଲା ଏ ଜଙ୍ଗଲଟି ହେଉଛି ତା' ଘର । ଏଠି ତାକୁ କେହି କିଛି କରିପାରିବେ ନାହିଁ । କିନ୍ତୁ ଦଳର ଛୋଟ ବଡ ସବୁ ହାତୀ ଏକାଠି ଚିଙ୍କାରି କହିଲେ, "ଆମେ ଏଠି ରହିବୁନି । ଆମକୁ ନିରାପଦ ଜାଗାକୁ ନେଇଚାଲ ।" ଶେଷରେ ବୁଢୀ ହାତୀକୁ ଆଉ କୌଣସି ରାସ୍ତା ଦେଖା ଗଲାନି । ସମସ୍ତ ଅନିଚ୍ଛା ସତ୍ତ୍ୱେ ସବୁ ହାତୀଙ୍କୁ ଧରି ଧୀରେ ଧୀରେ ଏ ଜଙ୍ଗଲ ଛାଡି ଚାଲିଗଲା ।
"ତେବେ ସେ ହାତୀଦଳ କୁଆଡେ ଗଲେ ?" ଝିଙ୍କିକାଖାଇ ପକ୍ଷୀ ପଚାରିଲା ।
ବୁଢା ବେଙ୍ଗଟି ଟିକିଏ ଭାବି କହିଲା "ଶୁଣାଯାଏ ଯେ ଏଠାରୁ ବହୁତ ଦୂରରେ

Digitized by srujanika@gmail.com

Digitized by srujanika@gmail.com



Digitized by srujanika@gmail.com



ଗୋଟିଏ ଅତି ସୁନ୍ଦର ଜାଗା ଅଛି । ଯେଉଁଠି ହାତୀମାନେ ନିର୍ଭୟରେ ରହନ୍ତି । ମୂଳକଥା ହେଲା ଆମର ଜଙ୍ଗଲ ଜୀବମାନଙ୍କର ପ୍ରଧାନ ଶତ୍ରୁ 'ମଣିଷ' ସେଠାରେ ଏପର୍ଯ୍ୟନ୍ତ ପହଞ୍ଚି ପାରି ନାହାନ୍ତି । ତେଣୁ ସେଠାରେ ଜନ୍ତୁମାନଙ୍କର କେହି କିଛି ଅନିଷ୍ଟ କରିପାରେ ନାହିଁ । ସେଠାରେ ପାହାଡ଼କୁ ଖଣ୍ଡ ଖଣ୍ଡ ଖଣି ରୁକ୍ଷ ଜମିରେ ପରିଣତ କରିବା ସମ୍ଭବ ହୋଇନାହିଁ । ସୁନ୍ଦର ଝରଣା ଗୁଡିକରେ ବନ୍ଧ ପକାଇ ନଷ୍ଟକରି ଦିଆଯାଇ ନାହିଁ କିମ୍ବା ବିରାଟ ହ୍ରଦଗୁଡିକ ଆମର ଏ ଛୋଟ ପୋଖରୀରେ ପରିଣତ ହୋଇନାହିଁ । ସତରେ, ଯେ ପର୍ଯ୍ୟନ୍ତ ରାକ୍ଷସ ପ୍ରବୃତ୍ତିର ମଣିଷମାନେ ଆମର ବାସଭୂମି ଏଇ ସୁନ୍ଦର ଜଙ୍ଗଲଗୁଡ଼ିକରେ ପ୍ରବେଶ କରିନାଥାନ୍ତି ପ୍ରକୃତିର ସୌନ୍ଦର୍ଯ୍ୟ ଅକ୍ଷତ ଅବସ୍ଥାରେ ରହିଥାଏ ।"

ଠେକୁଆ ଇତ୍ୟାଦି ଛୋଟ ଜନ୍ତୁଗୁଡିକ ଏପରି ଏକ ସୁନ୍ଦର ଜାଗାର ବର୍ଣ୍ଣନା ଶୁଣି କିଛି ସମୟ ପାଇଁ ଚୁପ ହୋଇଗଲେ । ପକ୍ଷୀଟି ମଧ୍ୟ କିଛି ସମୟ ପାଇଁ ମାଟିରୁ ପୋକ ଖୋଳିବା ପାଇଁ ଭୁଲି ଯାଇଥିଲା । ତା'ପରେ ଠେକୁଆ ପଚାରିଲା "କ'ଣ ଆମଭଳି ଛୋଟ ଛୋଟ ଜନ୍ତୁ କେବେ ସେଭଳି ସୁନ୍ଦର ଜାଗାକୁ ଯାଇ ପାରିବ ?"

ବୁଢା ବେଙ୍ଗ ପୋଖରୀ ଚାରିପଟେ ଥରେ ଆଖି ବୁଲାଇଆଣି କହିଲା "ଏଇ ତ ହେଉଛି ଆମର ପୃଥିବୀ । ଆମେ ହେଲେ ଛୋଟ ଛୋଟ ଜନ୍ତୁ । ଆମେ କେବେ ହେଲେ ଏତେ ଦୂରକୁ ଯାଇପାରିବାନି । ତା'ଛଡା ମୁଁ ବହୁତ ବୁଢା ହୋଇଗଲିଣି । ଏ ବୟସରେ ଡେଇଁ ଡେଇଁ ମୁଁ କେତେ ବାଟ ବା' ଯାଇ ପାରିବି ?"

ଝିଙ୍କିକାଖାଇ ପକ୍ଷୀ କହିଲା "ଏଇ ଜାଗାରେ ହିଁ ମୋ ବାପା, ଜେଜେବାପା ତାଙ୍କ ଜୀବନ କଟାଇ ଦେଇଛନ୍ତି । ତେଣୁ ମୋର ଏବଂ ମୋ ପିଲାଙ୍କର ଦିନକାଳ ମଧ୍ୟ ଏଠାରେ ହିଁ କଟିଯିବ । ଆମ ପୋଖରୀଟି ଭଲ ତ ଆମେ ଭଲ । କିନ୍ତୁ ସେ ବୁଢୀ ମାଈ ହାତୀଟି ପୁଣି ଏ ବାଉଁଶବଣକୁ କାହିଁକି ଫେରି ଆସିଲା ?"

Digitized by srujanika@gmail.com

ବୁଢ଼ୀ ବେଙ୍ଗଟି କିଛି ସମୟ ଭାବି କହିଲା "ମୁଁ ଠିକ୍ କିରି ଜାଣିନି । ବୋଧହୁଏ ତା' ବୟସ ଏତେ ବେଶୀ ହୋଇ ଯାଇଥିଲା ଯେ ତାକୁ ସ୍ଥାନ ପରିବର୍ତ୍ତନ ଭଲ ଲାଗୁନଥିଲା । ତା'ଛଡ଼ା ହାତୀମାନଙ୍କର ମନେରଖିବା ଶକ୍ତି ବହୁତ ବେଶୀ, ବୋଧହୁଏ ତା'ର ପୁରୁଣା ଜଙ୍ଗଲ କଥା ବହୁତ ମନେପଡ଼ିଲା । ସେ ଜାଣିପାରିଲା ଯେ ତା'ର ଆଉ ବେଶୀଦିନ ବଞ୍ଚିବାର ନାହିଁ । ତେଣୁ ସେ ବୋଧହୁଏ ଭାବିଲା ତା'ର ଶେଷ ଜୀବନ ଏ ପରିଚିତ ପୁରୁଣା ଜଙ୍ଗଲରେ ହିଁ କଟାଇବ । ତେବେ ସେ ଯାହାହେଉ, ସେ ତା' ପୁରୁଣା ଜଙ୍ଗଲକୁ ଫେରି ଆସିଲା ଏବଂ ସେ ଜଙ୍ଗଲ ଭିତରେ ବୁଲୁଥିଲା ବେଳେ ଦେଖିଲେ ମନେ ହେଉଥିଲା ସତେ ଯେପରି ଗୋଟିଏ ଛୋଟିଆ ମାଟିଆ ରଙ୍ଗର ପାହାଡ଼ଟିଏ ବୁଲୁଛି । ତା' ପଛେ ପଛେ ତା' ଛୁଆଟି ମଧ୍ୟ ଜଙ୍ଗଲ



Digitized by srujanika@gmail.com

Digitized by srujanika@gmail.com



ଭିତରେ ଡେଇଁ କୁଦି ଚାଲିଥାଏ । କେଉଁଠି ଡାଳଗୁଡ଼ିକ ମଡମଡ କରି ଭାଙ୍ଗି ଦେଲାଣି ତ କେଉଁଠି ପାଣିରେ ପଶି ଖେଳିଲାଣି ।

ଏହିପରି ଖୁସିମନରେ ସେ ଛୁଆ ହାତୀଟି ତା' ମା' ସାଙ୍ଗରେ ଖେଳି ବୁଲୁଥିଲା । ମଝିରେ ମଝିରେ ଅତି ଖୁସିରେ ପିଲା ହାତୀଟି ଜୋରରେ ପିଙ୍ଗାରି ଦେଉଥାଏ ।

"ହେ ଭଗବାନ !" ଝିଣ୍ଟିକାଖାଇ ପକ୍ଷୀଟି ଆଶ୍ଚର୍ଯ୍ୟ ହୋଇ କହିଲା—''କି ଭୁଲ ସେ କଲା ! ମା' ହାତୀଟି, ତାକୁ ପାଟି କରିବା ପାଇଁ ମନାକଲା ନାହିଁ କାହିଁକି ? ତା' ପାଟି ପାଖ ଗାଁ ଲୋକମାନେ ତ ନିଶ୍ଚୟ ଶୁଣି ପାରିଥିବେ ।"

"ହଁ ।'' ବୁଢ଼ା ବେଙ୍ଗ କହିଲା—ସେମାନେ ତା' ପାଟିଶୁଣି ଖୁସିରେ ଚିତ୍କାର କରି ଉଠିଲେ—ହାତୀମାନେ ପୁଣି ଫେରିଆସିଛନ୍ତି । ଚାଲ ତାଙ୍କୁ ଧରିବା । ତା'ପରଦିନ ଅନେକ ଲୋକ ବନ୍ଧୁକ, ଦଉଡ଼ି ଓ ଲୁହାର ଶିକୁଳି ଆଦି ଧରି ଡ୍ରମ ବାଜା ବଜେଇ ବଜେଇ ଜଙ୍ଗଲ ଭିତରକୁ ପଶିଲେ । ସେମାନେ ବୁଢ଼ୀ ହାତୀ ଓ ତା' ଛୁଆଟିକୁ ନାଳ ପାଖରେ ବୁଲୁଥିବା ଦେଖି କହିଲେ "ଦେଖ ତା' ସାଙ୍ଗରେ ତା' ଛୁଆ ହାତୀଟିଏ ମଧ୍ୟ ଅଛି । ଚାଲ ତାକୁ ଧରି ସର୍କସବାଲାଙ୍କୁ ଦେଇ ଦେବା ।"

"ହଁ ହଁ ତାକୁ ସର୍କସବାଲାଙ୍କୁ ଦେଇଦିଅ ।"

''ନା, ନା, ତାକୁ ମନ୍ଦିରର ପୂଜାରୀଙ୍କୁ ଦିଅ ।''

ଲୋକଙ୍କର ଏପରି ଯୁକ୍ତି କରୁଥିବା ଶୁଣି ତାଙ୍କ ନେତା ପାଟିକରି ଉଠିଲା । କହିଲା—"ଆରେ ମୂର୍ଖ ତାକୁ ତ ପ୍ରଥମେ ଧର ।" ଦଳ ନେତାଟି ହାତରେ ଗୋଟିଏ ଲମ୍ବା ବନ୍ଧୁକଟିଏ ଧରିଥାଏ । ହଠାତ୍ ସେ ବନ୍ଧୁକରୁ ଦୁଇଟି ଗୁଳି ଫୁଟାଇଲା "ଧାଏଁ, ଧାଏଁ ।"

Digitized by srujanika@gmail.com

ଲୋକଙ୍କର ଚିତ୍କାର ତା’ ସାଙ୍ଗରେ ଡମ ବାଜା ଓ ବନ୍ଧୁକର ଶବ୍ଦ ଶୁଣି ଛୁଆ ହାତୀଟି ଛାନିଆ ହୋଇ ଏପଟ ସେପଟ ଦୌଡ଼ିବା ଆରମ୍ଭ କଲା । ତାକୁ ରକ୍ଷା କରିବା ପାଇଁ ତା’ ପଛେ ପଛେ ତା’ ମା’ ହାତୀ ମଧ୍ୟ ପାଗଳ ଭଳି ଦୌଡ଼ୁଥାଏ । ଦୌଡ଼ିଲା ବେଳେ ଆଖପାଖ ଲୋକଙ୍କୁ ଛିନ୍ନ ଭିନ୍ନ କରିପକାଉଥାଏ । ବୁଢୀ ହାତୀଟିକୁ ଅଟକାଇବା ପାଇଁ ସଙ୍ଗେ ସଙ୍ଗେ ଲୋକେ ବର୍ଚ୍ଛା ଓ ବନ୍ଧୁକରେ ଆକ୍ରମଣ କଲେ । ତେଣେ ଛୁଆ ହାତୀଟି ଡରି ପାଗଳ ଭଳି ଦୌଡ଼ୁଥିଲା । କାରଣ ଏ ଜଙ୍ଗଲ ତା’ ପାଇଁ ନୂଆ । କୁଆଡେ ଯିବ କିଛି ଜାଣି ନପାରି ଶେଷରେ ସେ ନାଳ ଆଡକୁ ଦୌଡ଼ିଗଲା । ସେଠାରେ ଗୋଟିଏ ଗାଡରେ ବିଚରା ପଡ଼ିଗଲା । ଲୋକମାନେ ସାଙ୍ଗେ ସାଙ୍ଗେ ତାକୁ ଘେରିଯାଇ ଲୁହା ଶିକୁଳି ଓ ମୋଟା ଦଉଡ଼ିରେ ବାନ୍ଧି ପକାଇଲେ । ତା’ପରେ ସମସ୍ତେ ମିଶି ତାକୁ ଧୀରେ ଧୀରେ ଉପରକୁ ଟାଣିଅଣି ଘୋଷାରି ଘୋଷାରି ନେବାକୁ ଚେଷ୍ଟା କଲେ । ବୁଢୀ ହାତୀଟି ତା’ ଛୁଆକୁ ରକ୍ଷା କରିବା ପାଇଁ ପଛରୁ ଦୌଡ଼ି ଆସିଲା । କିନ୍ତୁ ଆଖି ପିଛୁଳାକେ ଗୁଳି ବାଜି ତା’ ପ୍ରାଣ ବାହାରିଗଲା ଏବଂ ବୁଢୀ ହାତୀଟି ଢଳି ଢଳି ଯାଇ ଶେଷରେ ସେଇ ଗାଡ ପାଖରେ ପଡ଼ି ମରିଗଲା ।”



Digitized by srujanika@gmail.com



Digitized by srujanika@gmail.com

ଏହା କହିସାରି ବୁଢ଼ା ବେଙ୍ଗଟି କିଛି ସମୟ ନୀରବ ହୋଇଗଲା । ତା'ପରେ ଦୁଃଖର ସହିତ ଧୀରେ ଧୀରେ କହିଲା, "ଏଇ ହେଉଛି ସେ ବିରାଟ ହାତୀର କାହାଣୀ । ତା'ପରଠାରୁ ଆଉ ହାତୀ ଏ ଜଙ୍ଗଲରେ ଦେଖାଯାଏନି ।

ସମସ୍ତେ ଦୁଃଖରେ ଚୁପ ହୋଇ କିଛି ସମୟ ରହି ଯାଇଥାନ୍ତି । ମନେ ହେଉଥାଏ ସତେ ଯେପରି ସେ ଛୋଟ ଛୋଟ ଜନ୍ତୁମାନଙ୍କ ସହିତ ସେ ଜଙ୍ଗଲଟା ମଧ୍ୟ ନୀରବରେ ସେଇ ବିରାଟକାୟ ଜନ୍ତୁର ଆତ୍ମା ପ୍ରତି ଶ୍ରଦ୍ଧାଞ୍ଜଳି ଦେଉଥିଲା । କିଛି ସମୟ ଏପରି କଟିବା ପରେ ଠେକୁଆ ପୁଣି ବୁଢ଼ା ବେଙ୍ଗକୁ ପଚାରିଲା "ଝିଣ୍ଟିକାଆଇ ପକ୍ଷୀଟି ଯେଉଁ ଭୂତ ବଣ କଥା କହୁଥିଲା ସେଇଟା କେଉଁ ଜାଗାରେ ଅଛି ? ତୁମେ ତା' ବିଷୟରେ କିଛି ଜାଣିଛ କି ?"

"ଓ ସେଇଟାତ ଆଉ ଗୋଟାଏ ଖୁବ ବଡ଼ କାହାଣୀ ହେବ । ସେ କଥାଟା ମୁଁ ଆଉଦିନେ କହିବି । ଆଜି ଏତିକି ହେଉ ।"

ଏହା କହି ବୁଢ଼ା ବେଙ୍ଗଟା ପାଣି ଭିତରକୁ ଝପ୍‌କିନା ଡେଇଁ ପଡ଼ିଲା ।



Digitized by srujanika@gmail.com

ଭୂତବଣ

ବୁଢ଼ା ବେଙ୍ଗର ଗପ ସରିବା ପରେ ଠେକୁଆଟି ଡେଇଁ ଡେଇଁ ଜଙ୍ଗଲ ଭିତରକୁ ଚାଲିଗଲା । ବୁଢ଼ା ବେଙ୍ଗ ସେମାନଙ୍କୁ ପୁଣି କେବେ ସୁବିଧା ହେଲେ ଭୂତ ରହୁଥିବା ବାଉଁଶ ବଣ କଥା କହିବ ବୋଲି କଥା ଦେଇଥିଲା । ଠେକୁଆ କିନ୍ତୁ ଆଉ ଧୈର୍ଯ୍ୟ ଧରି ଅପେକ୍ଷା କରିପାରୁ ନଥାଏ । ମନେ ମନେ ଭାବୁଥାଏ ବେଙ୍ଗ ପୁଣି କେବେ ସେ ଭୂତକଥା କହିବ ? ତା' ଇଚ୍ଛା ହେଉଥାଏ ସେ ନିଜେ ଯାଇ ସେ ଜାଗାଟା ଦେଖି ଆସନ୍ତା କି ଥରେ ?

ଠେକୁଆ ବୁଦା ଭିତର ଦେଇ ଡେଇଁ ଡେଇଁ ଆଗେଇ ଚାଲିଥାଏ । ବର୍ଷାଦିନିଆ ନାଳ ଡେଇଁ ମନକୁ ଦମ୍ଭକରି ବାଉଁଶବଣ ଭିତରେ ପଶିଲା ।

କଙ୍କି ଟି ଏସବୁ ଦେଖୁଥିଲା । ଠେକୁଆଟି ଯେମିତି ଆଖି ଆଗରୁ ଅନ୍ତର୍ଦ୍ଧାନ ହୋଇଛି ସେମିତି ସେ ପୋଖରୀ ଉପରେ ଆସି ଚକ୍‌କର କାଟି ବିପଦ ପାଇଁ ସତର୍କ କରାଇ ଦେଇ ଗୀତ ଗାଇଲା—

"ଘୁଁ, ଘୁଁ, ଘୁଁ,
ଠେକୁଆ ଚାଲିଛି ବାଉଁଶ ବଣକୁ
ଏତିକି ବୋକା, କେଉଁଠି ଦେଖିନି ମୁଁ ।"

"ବିପଦ" ଶବ୍ଦ ଶୁଣି ଝିଙ୍କି କାଖାଇ ପକ୍ଷୀ ଶିମିଳି ଗଛ କୋରଡରେ କରିଥିବା ତା' ବସାରୁ ତଳକୁ ମୁହଁକାଢ଼ି ଚାହିଁ କହିଲା "ହେ ଭଗବାନ ମୁଁ କ'ଣ କରିବି ? ମୋର ଏ ଛୋଟ ଛୋଟ ପିଲାଙ୍କୁ ଏ ବିପଦରୁ କେମିତି ବଞ୍ଚାଇବି ?"

Digitized by srujanika@gmail.com

କଙ୍କି କିନ୍ତୁ ଝିଣ୍ଟି କାଆଁଇ ପକ୍ଷୀର କଥା ପ୍ରତି ଧ୍ୟାନ ନଦେଇ ପୁଣି ପୋଖରୀ ଉପରେ ଚକ୍‌କର କାଟି ଗୀତ ଗାଇଲା—

"ଘୁଁ ଘୁଁ ଘୁଁ
ଡାହାଣୀ, ପିଶାଚ, ଘୂରି ବୁଲୁଛନ୍ତି
ବାଉଁଶ ବଣରେ
ମେଞ୍ଚଡ ଠେକୁଆ ପଶିଛି ଭିତରେ,
କାହାକୁ କହିବି ମୁଁ ?"

କଙ୍କିର ଗୀତ ଶୁଣି ବୁଢ଼ା ବେଙ୍ଗ ପାଣିରେ ଅଧା ବୁଡି ରହିଥିବା ଗଛ ଡାଳରେ ଆସି ବସି ପଚାରିଲା, "କ'ଣ ହେଲା, ପୁଣି କାହିଁକି ପାଟି କରୁଛୁ ?" ବୁଢ଼ା ବେଙ୍ଗ ଟିକିଏ ବିରକ୍ତ ହେଲାପରି ଜଣାପଡ଼ିଲା ।

"କଙ୍କି ଭାଇ କ'ଣ ଗୋଟାଏ ବିପଦ ଆସୁଛି ବୋଲି କହୁଛି । ତେଣୁ ମତେ ମୋ ପିଲାଙ୍କ ପାଇଁ ଭାରି ବ୍ୟସ୍ତ ଲାଗୁଛି । କାଲେ କ'ଣ ହେବ ବୋଲି ।" ଝିଣ୍ଟି କାଆଁଇ ତା' ବସାରୁ ଧୀରେ କହିଲା ।

ବେଙ୍ଗ ପଚାରିଲା—"କି ବିପଦ କିରେ କଙ୍କି, କଥାଟା ଭାବିଚିନ୍ତି କହୁଛୁତ ?"

କିନ୍ତୁ କଙ୍କି ପୁଣି ଘୁଁ ଘୁଁ ଶବ୍ଦକରି ପୁଣି ସେ ଭୂତ ପିଶାଚ ବିଷୟରେ ଗୀତ ଗାଇ ପୋଖରୀ ଉପରେ ଉଡ଼ି ବୁଲିଲା । ସେତେବେଳକୁ ସନ୍ଧ୍ୟା ହୋଇ ଆସୁଥାଏ । ସୂର୍ଯ୍ୟଙ୍କର ଲାଲ କିରଣ କଙ୍କିର ପର ଉପରେ ପଡ଼ି ଚମକି ଉଠୁଥିଲା ।

Digitized by srujanika@gmail.com

Digitized by srujanika@gmail.com

"ଭୂତ" ! ଏତକ କହିଦେଇ ନିଜେ ଝିଙ୍କିକାଖାଇ ପକ୍ଷୀ ଭୟରେ ଥରିଗଲା । ତା' ପରସବୁ ଭୟରେ ଠିଆ ହୋଇ ଯାଇଥାଏ ।

"ଅକ୍, ଅକ୍", ବୁଢା ବେଙ୍ଗ ଦି'ଥର ଏପରି ଡାକଦେଇ କହିଲା "ମୁଁ ଜାଣେ ସେ କ'ଣ କହିବାକୁ ଚାହୁଁଛି ? ଆଜି ପୂନେଇଁ ରାତି ।"

"ହେ ପ୍ରଭୁ ! ଆମର କ'ଣ ହେବ ? କାହିଁକି ଆମେ ସେ ଭୂତବଣ ବିଷୟରେ କଥା ହେଲେ ?" ଏପରି କହି ପକ୍ଷୀଟା ଭୟରେ ବେଙ୍ଗକୁ ପଚାରିଲା—"ବେଙ୍ଗ ଭାଇ ତୁମେ କ'ଣ ଭାବୁଛ ?"

"ମୁଁ ଆଉ ଭାବିବାକୁ କେତେବେଳେ ସମୟ ପାଇଲି କହିଲୁ ? ତୁ ତ ସେତିକି ବେଳୁ ନିଜେ ବକ୍ ବକ୍ କରି ଚାଲିଛୁ ?" ବେଙ୍ଗ ଝିଙ୍କିକାଖାଇକୁ ଟିକିଏ ଚୁପ୍ କରାଇ କଙ୍କିକୁ ତା' ପାଖକୁ ଆସିବାକୁ ଡାକିଲା । "ହେ କଙ୍କି ଭାଇ କୁଆଡେ ଗଲୁ ? ଏଆଡେ ଟିକିଏ ଆସିଲୁ ?" କିନ୍ତୁ କଙ୍କିର ଆଉ ଦେଖା ଦର୍ଶନ ମିଳିଲା ନାହିଁ । ଚାରିଆଡେ ଅନ୍ଧାର ମାଡିଯାଇଥାଏ ଏବଂ ପୂରା ଜଙ୍ଗଲ ଚୁପ୍‌ଚାପ୍ ।

ସନ୍ଧ୍ୟା ହେବାର କିଛି ସମୟ ପରେ ଜହ୍ନ ଧୀରେ ଧୀରେ ଆକାଶରେ ଦେଖାଗଲା । ଜହ୍ନ ଆଲୁଅରେ ଜଙ୍ଗଲ ପୁଣି ଚମକି ଉଠିଲା । "ଆଜି ପୂନେଇଁ ରାତି" ବୋଲି ବେଙ୍ଗ କହି ପାଣି ଭିତରକୁ ଲମ୍ବି ପଡିଥିବା ଗଛ ଡାଳ ଉପରେ ବସି ଖୁସି ମନରେ ଦୋଳି ଟିକିଏ ଖେଳିଲା । ଏପରି ଦୋଳି ଖେଳୁ ଖେଳୁ ବୁଢା ବେଙ୍ଗଟି ମନକୁ ମନ କହୁଥାଏ "ସେ କଙ୍କିଟା ଏପରି କଥା କହିଦେଇ କୁଆଡେ ଚାଲିଗଲା କେଜାଣି ?"

ଏହି ସମୟରେ ହଠାତ୍ ଭୟଙ୍କର ଚିତ୍କାର ଜଙ୍ଗଲ ଭିତରୁ ଶୁଣାଗଲା । ସେତିକିବେଳେ ଭୟରେ ଥରୁଥିବା ଗୋଟିଏ ଜନ୍ତୁ ଜଙ୍ଗଲଆଡୁ ଦୌଡିଆସି ପୋଖରୀ କୂଳରେ ଧୁମ୍‌କିନା ପଡିବା ଶୁଣାଗଲା । ହଠାତ୍ ଏପରି ଗୋଟିଏ ଶବ୍ଦ ଶୁଣି ବେଙ୍ଗ ଭୟରେ ଗଛ ଡାଳରୁ ପାଣିକୁ ଡେଇଁ ପଡିଲା ଏବଂ ଝିଙ୍କିକାଖାଇ ପକ୍ଷୀ ତା' ବସା ଭିତରକୁ ଭୟରେ ପଶିଗଲା । ସେତିକିବେଳକୁ କଙ୍କିଟି କେଉଁଠି ଥିଲା କେଜାଣି ପୁଣି ଆସି ଚକ୍‌କର କାଟିଲା । ବୁଢା ବେଙ୍ଗଟି କିଛି ସମୟ ପରେ ପାଣି ଭିତରୁ ବାହାରି ପୁଣି ସେ ଡାଳ ଉପରେ ଆସି ବସି କହିଲା—"ଓହୋ ! ଏତେବେଳେକେ ଯାଇ କଥାଟା ଠିକ୍ ବୁଝାପଡିଲା । ଏହା ସେ ମୂର୍ଖ ଠେକୁଆର ହିଁ କାମ ।"

ଏହା କହି ବେଙ୍ଗ ପୋଖରୀର ଆରପଟ କୂଳ ଆଡକୁ ଚାହିଁଲା ।

ଗୋଟିଏ ଲୁମ୍ବୁଲୁମିଆ ଜନ୍ତୁଟିଏ ପାଣି କୂଳ ବୁଦା ଭିତରେ ପଡିଥିବା ଦେଖି ବେଙ୍ଗ କହିଲା, "ଆରେ ହେ ସେ ବୁଦା ଭିତରେ ତୁ ସେଇ ଠେକୁଆଟି ? ଆରେ ତୁ ଠିକ୍ ଠାକ୍ ଅଛୁ ତ ? ଏମିତି ଚିତ୍କାର କାହିଁକି କରୁଥିଲୁ ?"

କିଛି ସମୟ ପରେ କଙ୍କିଟି ପୁଣି ଆସି ପୋଖରୀ ଉପରେ ହେଲିକୋପ୍ଟର ଭଳି ଘୁଁ ଘୁଁ କରି ଚକ୍‌କର କାଟି ବୁଲିଲା । କଙ୍କି ଭଳି ଏ ଛୋଟ ପକ୍ଷୀଟିର ଶବ୍ଦ ମଧ୍ୟ ସେ ନିର୍ଜନ ରାତିରେ ଖୁବ୍ ଭୟଙ୍କର ମନେ ହେଉଥାଏ ।

ବୁଦା ଭିତରୁ ଠେକୁଆଟି ବାହାରି କହିଲା "ହେ କଙ୍କି ଭାଇ ଦୟାକରି ଟିକିଏ ଚୁପ୍ ହୋଇଯା । ମତେ ଭାରି ଭୟ ଲାଗୁଛି ।" ଏହା କହିଲା ବେଳେ ଠେକୁଆ ଭୟରେ ଥରି ଯାଉଥାଏ । କିଛି ସମୟ ରହି ବୁଢା ବେଙ୍ଗକୁ ଚାହିଁ ସେ କହିଲା, "ମୋର କିନ୍ତୁ କିଛି ହୋଇନି । ମୁଁ ପୁରାପୁରି ଠିକ୍‌ଠାକ ଅଛି ।" ଏଥର କିନ୍ତୁ ତା' କଥାରେ ତା' ପୂର୍ବର ସାହସ ଫେରି ଆସିଥିଲା ଭଳି ଜଣା ପଡୁଥିଲା ।

Digitized by srujanika@gmail.com

"କିନ୍ତୁ ତୁ ଏମିତି ଭୁସ୍‌ଭୁସ୍ ହୋଇ କୁଆଡ଼ୁ ଦୌଡ଼ି ଆସିଲୁ ?" ବୁଢା ବେଙ୍ଗ ଠେକୁଆକୁ ପଚାରିଲା ।

"ଓଃ ! ସେ କଥା ?" ଠେକୁଆ ଏହା କହି ଟିକିଏ ହସି ଦେଲା ଏବଂ ବୁଲିପଡ଼ି ପଛପଟ ଅନ୍ଧାରୁଆ ବଣ ଆଡେ ଥରେ ଚାହିଁଦେଇ କହିଲା—"ନା, ନା, ସେ କିଛି ନୁହେଁ । ମୁଁ ଭାବିଲି ମୁଁ ଅନ୍ଧାରରେ କ'ଣ ଗୋଟାଏ ଦେଖିଲି ... । ନା...ନା, କିଏ ଜଣେ ପଛରୁ ଆସି ମୋ ଲାଞ୍ଜରୁ ଫୁଲାଏ ଲୁମ ଅନ୍ଧାରରେ ଟାଣିନେଲା । ଦେଖିବ—ଦେଖ ।" ଏହା କହି ଠେକୁଆ ବୁଲିପଡ଼ିଲା । ସତକୁ ସତ ତା' ଲାଞ୍ଜ ମଝିରୁ ଫୁଲାଏ ଲୁମ ଉପୁଡ଼ି ଯାଇଥିଲା ।

କଙ୍କି ଟି ଠିକ୍ ସେତିକିବେଳେ ଘୁଁ ଘୁଁ କରି ଗୋଟିଏ ଗୀତ ଗାଇଲା ଯେ, ବାଦଂଶ ବଣର ଭୂତ ଠେକୁଆ ଲାଞ୍ଜରୁ ଫୁଲାଏ ଖାଇ ଦେଇଛି ।

କଙ୍କି ର ଗୀତ ଶୁଣି ଠେକୁଆ ରଗିଯାଇ କହିଲା "ଶୀଘ୍ର ଏଠୁ ଯାଉଛୁ ନା, ଦେଖିବୁ କ'ଣ କରିବି ?"

Digitized by srujanika@gmail.com

ଏମାନଙ୍କର ଏପରି ପାଟିତୁଣ୍ଡ ଶୁଣି ଝିଙ୍କିକାଖାଉ ପକ୍ଷୀଟି ତା' ବସାରୁ ବାହାରି କହିଲା—''ଘଟଣା କ'ଣ ? ଏତେ ରାତିରେ ତୁମେମାନେ କାହିଁକି ଏମିତି ପାଟି କରୁଛ ? କ'ଣ ଆଜି ଆମମାନଙ୍କୁ ଆଉ ଶୁଆଇ ଦେବନି ? ତୁମେମାନେ ନଶୋଇ ଏଠି କ'ଣ କରୁଛ ଯେ ?''

କଙ୍କିଟି ଗୀତ ଗାଇ ଝିଙ୍କିକାଖାଉକୁ ଘଟଣାଟି କହିଦେଲା ଯେ ବାଉଁଶ ବଣର ଭୂତ କିପରି ଠେକୁଆର ଲାଞ୍ଜକୁ କାମୁଡ଼ି ବାଳ ପୁଳାଏ ଉପାଡ଼ି ଦେଇଛି ।

ଠେକୁଆ ମୁଣ୍ଡ ଉପରେ କଙ୍କିଟି ଗୀତ ଗାଇ ବୁଲୁଥାଏ । ଠେକୁଆ ରାଗରେ କଙ୍କିଟିକୁ ଧରିବା ପାଇଁ ଆଗ ଗୋଡ ଦୁଇଟି ଉପରକୁ ଟେକି ଦେଉଁଥାଏ । ବୁଢା ବେଙ୍ଗଟି ତା'ପରେ ଠେକୁଆକୁ ବୁଝାଇ କହିଲା ''ତୁ ତା' କଥାକୁ କାହିଁକି କାନ ଦେଉଛୁ ଯେ ? ସିଏ ତା'ର ଘୁଁ ଘୁଁ ହେଉଥାଉ । କିଏ ତା' ଗୀତକୁ ଶୁଣୁଛି ? କିନ୍ତୁ ମୁଁ ଏ ପର୍ଯ୍ୟନ୍ତ ବୁଝିପାରିଲିନି ଯେ ତୁ ଏତେ ରାତିରେ ସେ ଭୂତବଣ ଆଡେ଼ କାହିଁକି ଯାଇଥିଲୁ ? ମୁଁ ତ ତତେ ଆଗରୁ ହିଁ କହିଥିଲି ଯେ ସେ ବଣରେ ଭୂତ ରହନ୍ତି ବୋଲି ।''

Digitized by srujanika@gmail.com

"ମୁଁ ଆଉ ଅପେକ୍ଷା କରି ରହିପାରିଲିନି । ଭାବିଲି ତୁମେ ପୁଣି କେବେ ସେ ଗପଟା କହିବ ତା'ର ଠିକଣା ନାହିଁ । ଯାଏ ନିଜେ ସବୁ ଦେଖିଆସେ । କିଏ ଜାଣିଥିଲା ଏମିତି ହେବ ବୋଲି... ।" ଠେକୁଆ ତା' ଖଣ୍ଡିଆ ଲାଞ୍ଜଟିକୁ ଆଉଁସି ଆଉଁସି କହିଲା ।

"ଦେଖୁଛି ମୁଁ ତତେ ସେ ଗପଟା ସେତେବେଳେ ନକହି ଭୁଲ୍ କରିଚି । ଆଚ୍ଛା ତେବେ ବର୍ତ୍ତମାନ ସେ ଗପଟା ଶୁଣ ।"

ଝିଣ୍ଟିକାଖାଇ ପକ୍ଷୀ, ତା' ବସା ଦୁଆରେ ବସି ଠେକୁଆ ଓ ବୁଢା ବେଙ୍ଗର କଥାବାର୍ତ୍ତା ଶୁଣୁଥାଏ । କହିଲା "କ'ଣ ଏ ଅଧ ରାତିରେ ତୁମେ ସେ ଗପଟା କହିବ ?" ଝିଣ୍ଟି କାଖାଇକୁ ଗପଟା ମନେ ମନେ ଶୁଣିବା ପାଇଁ ମଧ୍ୟ ଇଚ୍ଛା

Digitized by srujanika@gmail.com

ହେଉଥାଏ । ଡେଣ୍ଟୁ କହିଲା "ଠିକ୍ ଅଛି ବୁଢ଼ା । ମୁଁ ମଧ୍ୟ ଗପଟା ଶୁଣିବି । ନିଦତ ଭାଙ୍ଗିଗଲାଣି । ପିଲାମାନେ ଚୁପଚାପ ଶୋଇ ଯାଇଛନ୍ତି । ଗପଟା କାହିଁକି ନ ଶୁଣିବି ?" ଏତା କହି ଫିଙ୍ଗି କାଖାଇ ବେଙ୍ଗ ପାଖକୁ ଆସି ପାଣି ଭିତରକୁ ଅଧା ଓହଳି ରହିଥିବା ଡାଳଟି ଉପରେ ବସିଲା ।

ବୁଢ଼ା ବେଙ୍ଗ ଗୋଟିଏ ବଡ଼ ହାଇମାରି ଗପ ଆରମ୍ଭ କଲା ।

"ହାତୀମାନେ ଚାଲିଯିବା ପରେ କିଛି ବର୍ଷ ପାଇଁ ଏ ଜଙ୍ଗଲରେ ଆଉ ବଡ଼ ଜନ୍ତୁଙ୍କ ଦେଖା ମିଳିଲା ନାହିଁ । ମନେହେଲା ସତେ ଯେପରି ଏ ଜଙ୍ଗଲଟି କେବଳ ଛୋଟ ଛୋଟ ପଶୁମାନଙ୍କର । ହଠାତ୍ ଦିନେ କ'ଣ ହୋଇଛି ନା, ଦଳେ ହନୁ ମାଙ୍କଡ଼ ଏ ଜଙ୍ଗଲ ଭିତରକୁ ପଶି ଆସିଲେ । ଖୁବ ପାଟିତୁଣ୍ଡ କରି ଏ ଡାଳରୁ ସେ

Digitized by srujanika@gmail.com

ତାଙ୍କ ଦେଇ ବହୁତ ଉତ୍ପାତ ହେଲେ । ଏ ଶିମିଳି ଗଛଟିରେ ବସାକରି ରହୁଥାନ୍ତି ।"

ଏହା କହି ବୁଢା ବେଙ୍ଗ ପୋଖରୀ କୂଳରେ ଥିବା ବଡ଼ ଶିମିଳି ଗଛଟିକୁ ଠାରି ଦେଖାଇ ଦେଲା । ଯେଉଁଟିରେ କି ବର୍ତ୍ତମାନ ଝିଙ୍କିକାଖାଇ ପକ୍ଷୀ ତା' ପିଲାମାନଙ୍କୁ ଧରି ବସାକରି ରହିଛି ।

"କିଛି ଦିନ କଟିଗଲା । ଦିନେ ହଠାତ୍ ସବୁ ମାଙ୍କଡମାନେ ଡରରେ ଯାଟିକରି ଉଠିଲେ । ବଣର ସବୁ ଛୋଟ ଛୋଟ ଜନ୍ତୁମାନଙ୍କୁ ସତର୍କ କରାଇ ଦେଇ କହିଲେ ଯେ ଆମ ଜଙ୍ଗଲକୁ ଗୋଟାଏ ମସ୍ତବଡ଼ ବୁଢା ବାଘ ପଶି ଆସିଛି ।

ମୁଁ କିନ୍ତୁ ପ୍ରଥମେ ସେମାନଙ୍କ କଥା ବିଶ୍ୱାସ କଲିନାହିଁ ଏବଂ ଏ କଥାକୁ ଜନ୍ତୁମାନଙ୍କ ମଧ୍ୟରେ ବେଶୀ ପ୍ରଚାର ନକରିବାକୁ କହିଲି କିନ୍ତୁ ସେମାନେ ପ୍ରତିଜ୍ଞା



Digitized by srujanika@gmail.com

କରି କହିଲେ ଯେ ଏହା ପୂରା ସତ । ତା' ଛଡ଼ା ସେଦିନ ସନ୍ଧ୍ୟାରେ ମୁଁ ଏହାର ପ୍ରମାଣ ମଧ୍ୟ ପାଇଗଲି ।

ଆଜି ଭଳି ସେଦିନ ସନ୍ଧ୍ୟାରେ ମଧ୍ୟ ମୁଁ ଏଇ ଡାଳଟି ଉପରେ ଚୁପଚାପ ବସିଥାଏ । ହଠାତ୍ ପଛରୁ, ବୁଦା ପଛଆଡୁ ଟିକିଏ ଖସ୍ ଖସ୍ ହେବା ଶୁଣାଗଲା । ମୁଁ ସାଙ୍ଗେ ସାଙ୍ଗେ ଡାଳ ତଳପଟେ ଲୁଚି ବସିଗଲି । କିଛି ସମୟ ପରେ ମୁଁ କ'ଣ ଦେଖିଲି ଜାଣ ?"

ଏହା କହି ବୁଢ଼ା ବେଙ୍ଗ କିଛି ସମୟ ପାଇଁ ଚୁପ ହୋଇଗଲା । ସମସ୍ତେ, କ'ଣ ସେଇଟା ଜାଣିବା ପାଇଁ ଆତୁର ହୋଇ ବେଙ୍ଗ ମୁହଁକୁ ଚାହିଁ ବସିଥାନ୍ତି ।

"ଦେହଯାକ କଳାପଟା ଧାର ପଡ଼ିଥିବା ଗୋଟାଏ ମସ୍ତବଡ଼ ମହାବଳ ବାଘ ।" ବେଙ୍ଗ କହିଲା ।

ଏ ପର୍ଯ୍ୟନ୍ତ କଙ୍କି ଟା ଝିଣ୍ଟି କାଖାଉ ଓ ଠେକୁଆଙ୍କ ସାଙ୍ଗରେ ବସି ମନଦେଇ ଗପଟି ଶୁଣୁଥିଲା । ହଠାତ୍ ତା' ଜାଗାରୁ ଉଠି ଆସି ଘୁଁ, ଘୁଁ, ଶବ୍ଦକରି ସେ ଜାଗାରେ ଉଡ଼ିବାକୁ ଲାଗିଲା । ତା'ର ରଙ୍ଗ ବିରଙ୍ଗ ଛୋଟ ପକ୍ଷୀଟି ଉପରେ ଚନ୍ଦ୍ର କିରଣ ପଡ଼ି ଚମକୁଥାଏ ।

Digitized by srujanika@gmail.com

ବୁଢା ବେଙ୍ଗକୁ କଙ୍କିର ଏ ପ୍ରକାର ବ୍ୟବହାର ଜମା ଭଲ ଲାଗିଲା ନାହିଁ । ବିରକ୍ତ ହୋଇ କହିଲା—"ଚୁପ ହୋଇ ବସି ଶୁଣିବୁତ ଶୁଣ ନହେଲେ ଏ ଜାଗାଜାଡ଼ି କୁଆଡ଼େ ଚାଲିଯା । ଗପ କହିଲାବେଳେ ମତେ ବିରକ୍ତ କରନା କହୁଛି । ହଁ, ମୁଁ କ'ଣ କହୁଥିଲି କି—ସତକୁ ସତ ସେଇଟା ସେଇ ମହାବଳ ବାଘ ଯାହା ବିଷୟରେ କି ମାଙ୍କଡ଼ମାନେ ସକାଳେ ମତେ କହିଥିଲେ । ସେ ଏଇ ପୋଖରୀକୁ ପାଣି ପିଇବା ପାଇଁ ଆସିଥିଲା । ପାଣି ପିଇ ଫେରିଗଲା ବେଳକୁ ମୁଁ ପଛରୁ ଦେଖିଲି ଯେ ସେ ଚାଲିଲା ବେଳେ ଟିକିଏ ଛୋଟାଉଛି । ତା'ପରେ ମୁଁ ଅନୁମାନ କରିପାରିଲି ଯେ, ବାଘଟି ଉପର ବଣରୁ ଏ ବଣକୁ କାହିଁକି ପଶି ଆସିଛି ? କାରଣ ଜାଣିବା ମାତ୍ରେ ଭୟରେ ମୋ ଦେହ ଗୋଟାକ ଥରି ଉଠିଲା ।" ଏହା କହି ବୁଢା ବେଙ୍ଗଟି ବର୍ତ୍ତମାନ ମଧ୍ୟ ସେ ଭୟରେ ପୁଣିଥରେ ଥରିଗଲା ।

ବୁଢା ବେଙ୍ଗର ଏ ଅବସ୍ଥା ଦେଖି କଙ୍କି ତାକୁ ଥଟ୍ଟାକରି ଗୋଟିଏ ଗୀତ ଗାଇଲା ।

"ଘୁଁ, ଘୁଁ, ଘୁଁ,
ବୁଢା ବେଙ୍ଗ, ତୁ ଏଡ଼ିକି ଡରୁଆ,
ଡରି ଥରୁଥାଉ, ବାଘ କଥା କହୁ କହୁ ।"

"ତୁ ଏଠୁ ଯାଉଛୁ ନା, ନାଇଁ ଯେ ?" ଠେକୁଆ କଙ୍କିକୁ ଗାଳିଦେଇ କହିଲା ଏବଂ ବୁଢା ବେଙ୍ଗର ଦେହ ଥର ନଦେଖିଲା ଭଳି ବାହାନା କରି ପଚାରିଲା—"ବାଘ କାହିଁକି ଏ ବଣକୁ ଆସିଥିଲା ?"

"ମୁଁ ଜାଣି ପାରିଥିଲି ଯେ ବାଘ ଏ ସାଧାରଣ ଜୀବଜନ୍ତୁଙ୍କୁ ମାରି ଖାଇବା ପାଇଁ ଏଠାକୁ ଆସିନଥିଲା । ତା'ର ଗୋଟେ ଗୋଡ ଛୋଟା ହୋଇ ଯାଇଥିବା ହେତୁ ସେ ହରିଣ ସମ୍ବର ପ୍ରଭୃତିଙ୍କ ପଛରେ ଜୋରରେ ଦୌଡ଼ି ଆଉ ଶିକାର କରି ପାରୁନଥିବ । ତେଣୁ ସେ ଏଠାକୁ ମଣିଷ ମାରି ଖାଇବା ପାଇଁ ଆସିଥିଲା ।

"କିନ୍ତୁ   କିନ୍ତୁ   ," ଠେକୁଆ ଟିକିଏ ଅଟକେଇ ଅଟକେଇ କହିଲା—"ମୁଁ ଜାଣିବାରେ ତ ବାଘ ମଧ୍ୟ ମଣିଷକୁ ଡରେ ।"

"ତାହା ସତ । ସେ ମଧ୍ୟ ମଣିଷକୁ ଡରୁଥିଲା । ମଣିଷ ଆମମାନଙ୍କର ସବୁଠାରୁ ବଡ଼ ଶତ୍ରୁ । କିନ୍ତୁ ମଣିଷ ହାତରେ ଯେତେବେଳେ ବନ୍ଧୁକ ଥାଏ କେବଳ ସେତିକି ବେଳେ ହିଁ ସେ ଶକ୍ତିଶାଳୀ । ବେଙ୍ଗ କହିଲା ।

"ତା'ଛଡ଼ା ଯେତେବେଳେ ସେମାନଙ୍କର ଛୋଟ ଛୋଟ ଦୁଷ୍ଟ ପିଲାଗୁଡ଼ିକ ଗଛରେ ଚଢ଼ି ଆମମାନଙ୍କର ଅଣ୍ଡା ଚୋରାଇ ନିଅନ୍ତି ସେତେବେଳେ ବି ମତେ ଖୁବ ଡର ଲାଗେ", ଝିଙ୍କାଖାଇ ପକ୍ଷୀ ଏତକ କହିଦେଇ ତା' ବସା ଆଡ଼କୁ ଥରେ ଚାହିଁଦେଲା ।

ଠେକୁଆ କହିଲା—"ଯେତେବେଳେ ମଣିଷମାନେ ଚାଲାକି କରି ଜାଲ ବିଛାଇ ଥାନ୍ତି ଆମକୁ ଧରିନେବା ପାଇଁ ସେତେବେଳେ ବି ମତେ ଖୁବ ଭୟ ଲାଗେ ।"

"ହଁ, ହଁ ତୁମେ ଯାହା କହୁଛ ଠିକ୍ । ମଣିଷ ସବୁଠାରୁ ଚତୁର ଜନ୍ତୁ । କିନ୍ତୁ ସେ ହରିଣ ଭଳି ଶୀଘ୍ର ଦୌଡ଼ିପାରେ ନାହିଁ କି ହାତୀ ଭଳି ମହାଶକ୍ତିଶାଳୀ ନୁହେଁ । ତେବେ ସେ ଯାହା ହେଉ ତା' ପରଦିନ ସନ୍ଧ୍ୟାରେ ମୁଁ ଏଇ ପୋଖରୀ କୂଳରେ ଗୋଟିଏ କଇଁ ପତ୍ର ଉପରେ ବସିଥାଏ । ଦେଖିଲି, ଦଳେ ହେବ ଏଇ ପାଖ ଗାଁ ପିଲା ଏଇ ପଡ଼ିଆ ବାଟ ଦେଇ ଚାଲିଗଲେ । ସେମାନେ ଜଙ୍ଗଲରୁ ଗୋଟାଇଥିବା ଥୋଡ଼ାଏ ଶୁଖିଲା କାଠ ଓ ଛୋଟ ଛୋଟ ଡାଳ ହାତରେ ଧରିଥାନ୍ତି । ଗଲାବେଳେ ହସି ଗୀତ ଗାଇ ମଜ୍ଜାରେ ଚାଲିଥାନ୍ତି ।

Digitized by srujanika@gmail.com

"ହଠାତ୍ ମୁଁ ପାଖ ବଡ ବୁଦା ଭିତରେ କ'ଣ ଗୋଟାଏ ଲୁଚିଗଲା ଭଳି ଦେଖି ପାରିଲି । ତେଣୁ ଖୁବ୍ ଜୋରରେ ଡାକ ଛାଡ଼ି ପିଲାମାନଙ୍କୁ ସତର୍କ କରାଇ ଦେବା ପାଇଁ ଚେଷ୍ଟା କଲି । କେବଳ ଗୋଟାଏ ଛୋଟ ପିଲା ହିଁ ମୋ ଡାକ ଶୁଣି ପାରିଲା । କିନ୍ତୁ ହଠାତ୍ ସେ ପଛକୁ ବୁଲିପଡ଼ି ଗୋଟିଏ ପଥର ମୋ ଉପରକୁ ଲକ୍ଷ୍ୟ କରି ଫୋପାଡ଼ିଲା । ମୁଁ ସାଙ୍ଗେ ସାଙ୍ଗେ ପାଣି ଭିତରକୁ ଡେଇଁ ପଡ଼ିଲି । ଭାଗ୍ୟବଶତଃ ମୋ ଦେହରେ ବାଜିଲା ନାହିଁ । ତା'ପରେ ଗୋଟାଏ ଭୟଙ୍କର ଚିତ୍କାର ଶୁଣାଗଲା । ମୁଁ ପାଣିରୁ ବାହାରି ଦେଖେତ ବାଘଟି ଛୋଟେଇ ଛୋଟେଇ ବାଉଁଶ ବଣ ଭିତରକୁ ପଶିଯାଉଥିଲା । ବାଘଟି ଗୋଟିଏ ଝିଅକୁ ଘୋଷାରି ଘୋଷାରି ନେଇ ଯାଉଥାଏ । ପିଲାଗୁଡ଼ିକ ଭୟରେ ଚିତ୍କାର କରି ଏଣେ ତେଣେ ଧାଉଁଥାନ୍ତି ।

Digitized by srujanika@gmail.com

Digitized by srujanika@gmail.com

ସେଦିନ ଅଧ ରାତିରେ ଦଳେ ଗାଁ ଲୋକ ହାତରେ ନିଆଁ ହୁଳା ଧରି ଟିଣ ବାଡେଇ ବାଡେଇ ପାଟିକରି ଜଙ୍ଗଲ ଭିତରକୁ ଆସିଲେ । ସେଥି ମଧ୍ୟରୁ ଅନେକ ବନ୍ଧୁକ ଧରିଥାନ୍ତି । କିନ୍ତୁ ସେମାନେ ଅନେକ ଖୋଜିବା ପରେ ମଧ୍ୟ ସେ ଛୋଟା ମହାବଳ ବାଘକୁ ପାଇଲେ ନାହିଁ । ଅନେକ ଦିନ ପର୍ଯ୍ୟନ୍ତ ଆସି ଏପରି ଖୋଜିଲେ ।

ଦିନେ ଏହିପରି ପୂର୍ଣ୍ଣିମା ରାତିରେ କେତେ ଜଣ ଲୋକ ବାଉଁଶ ବଣ ଆରପଟେ ଗୋଟିଏ ଗଛ ଉପରେ ମଞ୍ଚା ବାନ୍ଧି ସେ ବାଘକୁ ଜଗି ବସିଲେ । ହଠାତ୍ ଆମେ ସମସ୍ତେ ବନ୍ଧୁକ ଫୁଟିବାର ଶବ୍ଦ ଜଙ୍ଗଲ ଭିତରୁ ଶୁଣି ପାରିଲୁ । ବାଘର ଭୟଙ୍କର ଗର୍ଜନ ମଧ୍ୟ ତା' ପରେ ପରେ ଶୁଣାଗଲା । କିନ୍ତୁ ବାଘ ମରିନଥିଲା । ତା' ଦେହରେ ଗୁଳି ବାଜିଥିଲା । ତଥାପି ସେଥିରେ ସେ ବାଘ ଡେଇଁ କୁଆଡେ ଚାଲିଗଲା ଯେ ଏ ଲୋକମାନେ ତା'ର ପତ୍ତା ପାଇଲେ ନାହିଁ । ତା'ପରେ ଅନେକ ଦିନ ଖୋଜିବା ପରେ ମଧ୍ୟ ତା'ର ଚିହ୍ନବର୍ଣ୍ଣ କେଉଁଠାରେ ମିଳିଲାନି ।"

Digitized by srujanika@gmail.com

ଟେକୁଆକୁ ତା'ର ସେଦିନର ଦୁଃସାହସିକ ଯାତ୍ରା କଥା ମନେ ପଡ଼ିଗଲା । ବେଙ୍ଗକୁ ପଚାରିଲା "ବେଙ୍ଗ ଭାଇ ତୁମେ ଠିକ୍ କରି ଜାଣିଛ ତ, ସେ ବାଘଟା ମରି ଯାଇଛି ?"

"ମୁଁ ଯାହା ଶୁଣିଛି ନା । ସମସ୍ତେ କହନ୍ତି ଯେ, ବାଘଟା ନିଶ୍ଚୟ ମରିଯାଇଥିବ । କାରଣ ତା' ପରଠାରୁ ତାକୁ ଆଉ କେହି କେବେ ଦେଖି ନାହାଁନ୍ତି । ତେବେ ବି ତୁନେଇଁ ଦିନ ସେ ଭୂତବଣ ଆଡେ ନଗଲେ ଭଲ । ମଣିଷମାନେ ଯେଉଁ ଗୁଳି ମାରିଥିଲେ ତାହା ବାଘର ଗୋଡ଼ର ଉପର ଭାଗରେ ବାଜିଥିବା ଅନୁମାନ କରାଯାଏ । ମୋ ମତରେ ଏଇ ମଣିଷମାନେ ହିଁ ତାକୁ ତାଙ୍କ ପିଲାମାନଙ୍କୁ ଖାଇବା ପାଇଁ ବାଧ୍ୟ କରିଥିଲେ । କାରଣ ତାକୁ ତ ପ୍ରଥମେ ଗୁଳିମାରି ଛୋଟା କଲେ । ଫଳରେ ସେ ଆଉ ଜଙ୍ଗଲରେ ଛୋଟ ଛୋଟ ଜନ୍ତୁଙ୍କ ପଛରେ ଦୌଡ଼ି ଶିକାର କରି ପାରିଲା ନାହିଁ । ତେଣୁ ବାଧ୍ୟ ହୋଇ ଛୋଟ ଛୋଟ ପିଲା ଧରି ନେଇ ଖାଇଲା ।" ଘଟଣାଟି ବେଙ୍ଗ ବୁଝାଇ କହିଲା ।

ଝିଣ୍ଟିକାଖାଇ ଗୋଟିଏ ଦୀର୍ଘ ନିଶ୍ୱାସ ପକାଇ କହିଲା "ହଁ ସତ କଥା । ମଣିଷମାନେ କି ମୂର୍ଖ ! ମୁଁ କେବେହେଲେ ଏପରି କାମ କରିବି ନାହିଁ ଯାହା ଦ୍ୱାରା କି ମୋର ଛୋଟ ଛୋଟ ପିଲାଙ୍କ ଉପରେ ଆଞ୍ଚ ଆସିବ ।" ଏହା କହି ସେ ବସା ଭିତରେ ଶୋଇଥିବା ତା'ର ପିଲାମାନଙ୍କ ପାଖକୁ ଉଡ଼ିଗଲା ।

Digitized by srujanika@gmail.com

ତା ପରେ ଠେକୁଆ ଧୀରେ ବେଙ୍ଗକୁ ପଚାରିଲା "ତାହାହେଲେ ତୁମେ କ'ଣ ଭାବୁଛ ଯେ ସେଇ ଛୋଟା ବାଘ ହିଁ ମୋ ଲାଞ୍ଜରୁ ଫୁଲାଏ ଆଜି ନେଇ ଯାଇଛି ।"

"ଅକ୍—ନା, ନା, ମୋ ମତରେ ଏହା ବଣୁଆ ମୂଷାର କାମ ହୋଇଥିବ । ହଉ ମୁଁ ତାହାହେଲେ ଏଥର ଯାଏ । ତୁ ତୋ, ଘରକୁ ଯାଇ ଶୋଇଯା' । ରାତି ଅନେକ ହେଲାଣି । ଏହା କହି ବୁଢ଼ା ବେଙ୍ଗ ପାଣି ଭିତରକୁ ଖପ୍‌କିନା ଡେଇଁ ପଡ଼ିଲା ।

କଙ୍କିଟା ମଧ୍ୟ ଉଡ଼ି ସେଠାରୁ ଚାଲିଗଲା । ପ୍ରଥମଥର ପାଇଁ, ଅନେକ ଦିନ ପରେ, ସବୁବେଳେ ବାହାଦୁରି ଦେଖାଉଥିବା ସେଇ ଠେକୁଆଟା, ବୋକା ଭଳି ଚୁପ୍ ହୋଇ ରହିଥାଏ ।

Printed at Allied Enterprises, Shahadra, Delhi-110 032

Digitized by srujanika@gmail.com

ମୂଲ୍ୟ : ଟ 5.50

ନ୍ୟାସ୍‌ନାଲ ବୁକ୍ ଟ୍ରଷ୍ଟ, ଇଣ୍ଡିଆ

Digitized by srujanika@gmail.com